Chapter- 2

# ନୂଆଖାଇ

STUDY NOTES

## MIND MAP



ଓଡ଼ିଶା ହେଉଛି ସୁନାର ଦେଶ । କୃଷିପ୍ରଧାନ ରାଜ୍ୟ ଭାବେ ଏହା ସାରା ଭାରତ ବର୍ଷରେ ପରିଚିତ । ବାର ମାସରେ ତେର ପର୍ବ ଏ ମାଟିକୁ କରିଛି ମହାନ । ବିଭିନ୍ନ ଧାର୍ମିକ ପର୍ବ ପର୍ବାଣୀକୁ ନେଇ ଏ ପୁର ହୋଇଛି ପୁଲକିତ । ଏହା ବ୍ୟତୀତ ଦୁର୍ଗାପୂଜା, କାଳୀପୂଜା, ଦୋଳ ଯାତ୍ରା ଓ ରଜ ପର୍ବ ପରି କେତେକ ଆଦିବାସୀ ପର୍ବ ବି ଆମ ରାଜ୍ୟରେ ବେଶ୍ ଜଣାଶୁଣା । ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ସାରା ବିଶ୍ୱରେ ପରିଚିତ । ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ଏହି ପର୍ବ ପାଳନ କରାଯାଏ । କୃଷକ କଠିନ ପରଶ୍ରମର ଫଳସ୍ୱରୂପ ସୁନାର ଫସଲରୁ ପ୍ରଥମେ ଅମଳ କରି, ସେହି ଅନ୍ନକୁ ଇଷ୍ଟଦେବୀଙ୍କୁ ସମର୍ପଣ  କରିଥାଏ । ଏହାକୁ ମାଆ ଲକ୍ଷ୍ମୀ ସାଆନ୍ତାଣୀଙ୍କ ଦୟାରୁ ପାଇଥାଏ ବୋଲି ବିଶ୍ୱାସ କରେ । ସମ୍ବଲପୁରର ସମଲେଶ୍ୱରୀ ଭବାନୀପାଟଣାର ମାଣିକେଶ୍ୱରୀ ବଲାଙ୍ଗୀରର ପାଟଣେଶ୍ୱରୀ ସୋନପୁରର ସୁରେଶ୍ୱରୀ ପ୍ରଭୃତି ଠାକୁରାଣୀଙ୍କ ନିକଟରେ ନବାନ୍ନ ନୈବେଦ୍ୟ ରୂପେ ଲାଗି କରାଯାଏ । ପରିବାରର ସମସ୍ତେ ନବାନ୍ନ ଖାଇ ଜ୍ୟେଷ୍ଠମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦଗ୍ରହଣ କରିଥାନ୍ତି । ଏହାପରେ ଆରମ୍ଭ ହୁଏ ଜୁହାର ଭେଟ୍ । ପରିବାରର ସମସ୍ତେ ଏକା ସାଙ୍ଗେ ଭୋଜନ କରନ୍ତି । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଏ ପର୍ବ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ହେଇଥାଏ । ନୂଆଖାଇ ଏକ ପ୍ରସିଦ୍ଧ ଗଣ ପର୍ବ । ଆଜି ପର୍ଯ୍ୟନ୍ତ କେତେ କାଳରୁ ଏ ପର୍ବ ପାଳିତ ହୋଇ ଆସୁଅଛି । ଏହା ପଶ୍ଚିମ ଓଡ଼ିଶାର ମହାନ୍ ପର୍ବ । ନୂଆଖାଇ ପର୍ବ ମନରେ ଆନନ୍ଦ ଆଣିବା ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଏକାଠି କରିଥାଏ ।

ODM EDUCATIONAL GROUP Changing your Tomorrow